# ତହସିଲ କାର୍ଯ୍ୟାଳୟ କୁଜଙ୍ଗ

ସଂଖ୍ୟା. ୪୩୫୦ ,ତାରିଖ. ୩୦.୧୨.୨୦୨୦

## ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତିହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ , ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ କୁଜଙ୍ଗ ତହସିଲ ଅନ୍ତର୍ଗତ ଗୋବର୍ଦ୍ଧନପୁର ବାଲି ଘାଟ ଓ କଳଦଦ୍ୱିପ ବାଲିଘାଟ ( ଲଘୁ ଖଣିଜ ଖାଦାନର) ଆସନ୍ତା 5 ( ପାଞ୍ଚ) ବର୍ଷ ନିମନ୍ତେ ଲିଜ୍ ପାଇଁ ତହସିଲଦାର କୁଜଙ୍ଗଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ **Odisha Minor Mineral Concession Rules-2016** ର Form-M ପୂରଣ କରି ଏହାର ତିନି କପି ସହ ସମସ୍ତ ଦଲିଲ ସଂଲଗ୍ନ କରି Sealed Cover ( ଜଉମୁଦ ଲଫାପାରେ ) **Registered Post / Speed post** ଜରିଆରେ ତହସିଲଦାର କୁଜଙ୍ଗ ଙ୍କ ଠିକଣା ରେ ଆବେଦନ କରିବେ କିମ୍ବା ତହସିଲ ଅଫିସ ରେ ଥିବା **Drop Box** ରେ ପକାଇପାରିବେ ଯାହାକି ନିମ୍ନ ସ୍ବାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା ୨୦/୦୧/୨୦୨୧ ରିଖ ଅପରାହ୍ନ 01.00 ଟା ସୁଦ୍ଧା ପହଞ୍ଚିବା ଆବଶ୍ୟକ . ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । **Tender Box** ତା ୨୧/୦୧/୨୦୨୧ ରିଖ ଅପରାହ୍ନ 2.30 ଟିକା ସମୟରେ ନିମ୍ନ ସ୍ବାକ୍ଷରକାରୀ ଙ୍କ କାର୍ଯ୍ୟାଳୟରେ ଲିଜ୍ ଦରଖାସ୍ତ କାରି କିମ୍ବା ତାଙ୍କ ସ୍ୱିକୃତି ପ୍ରାପ୍ତ ପ୍ରତିନିଧି ଙ୍କ ଉପସ୍ଥିତିରେ ଖୋଲାଯିବ ଓ ଦରଖାସ୍ତଗୁଡିକ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜ୍ ଧାରୀ ଚୟନ କରାଯିବ । ଧାର୍ଯ୍ୟ ସମୟ ପରେ ପ୍ରାପ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ପ୍ରଥମ ତାରିଖରେ ଲିଜ୍ ହୋଇ ନ ପାରିଲେ ଦ୍ବିତୀୟ ଥର ପାଇଁ ତା ୨୫/୦୧/୨୦୨୧ ରିଖ ଓ ତୃତୀୟ ଥର ପାଇଁ ତା ୨୮/୦୧/୨୦୨୧ ରିଖରେ କରାଯିବ ।

## ଆବଶ୍ୟକୀୟ ଦଲିଲ

୧ . ନିର୍ଭୁଲ ଭାବେ ପୂରଣ କରାଯାଇଥିବା Form-M (ତିନି କପି/ three copies)

୨ .ଦରଖାସ୍ତ ଫିସ ସକାଶେ ଟ. ୧୦୦୦/- (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ଯାହାକି "0853-Non-ferrous Mining and Metallurgical Industries-102-Mineral Concession Fees, Rents and Royalties-" head ରେ ଜମା କରାଯାଇ ଥିବ । (In Original) ଏବଂ ଏହି ଦରଖାସ୍ତ ଫିସ ଫେରସ୍ତ କରାଯିବ ନାହି।

୩ .କୌଣସି ମାଇନିଙ୍ଗ ବାବଦକୁ ବକେୟା ଦେୟ ନଥିବା ତଥା ସେ Mines & Minerals ( Development & Regulation) Act, 1957 ଅନ୍ତର୍ଗତ କୌଣସି ମୋକଦ୍ଦମା ରେ ଦୋଷୀ ସାବ୍ୟସ୍ତ ହୋଇ ନଥିବା ନେଇ ଏକ ସତ୍ୟପାଠ । (In Original) **ଉତ୍ସର ନାମ, ତଫସିଲ ଏବଂ ସରହଦ ବିବରଣୀ ସଂଲଗ୍ନ କରିବା ହେବେ ।**

**୪.ଆବେଦନକାରୀଙ୍କ Solvency Certificate (କେବଳ Revenue Authority ଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବ) / Bank guarantee (ଯାହାକି ୧୮ ମାସ ପର୍ଯ୍ୟନ୍ତ ବୈଧ ଥିବ) ଯାହାର ମୁଲ୍ୟ ଏକ ବର୍ଷର ( ଡକାଯାଇ ଥିବା Additional Charge + Royalty ) X MGQ(ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ)ମୁଲ୍ୟରୁ କମ ହୋଇ ନଥିବ । । ଏଥି ସହିତ କେବଳ Revenue Authority ଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବା ସ୍ଥାବର ସମ୍ପତ୍ତି ର ଏକ ବିବରଣୀ ମଧ ସଂଲଗ୍ନ କରିବେ ।(all in Original)**

୫।ଦାଖଲ କରାଯାଇଥିବା Solvency Certificate ଟିକୁ ଦରଖାସ୍ତକାରୀ ନିକଟ ଅତିତରେ ପାଇଥିବା (ଜିତି ଥିବା) ଅନ୍ୟ କୌଣସି ସୈରାତ ଉତ୍ସର ଲିଜ୍ ପାଇଁ ବ୍ୟବହାର କରି ନଥିବେ ।

୬.ଦରଖାସ୍ତକରି ଆବେଦନ କରୁଥିବା ସଇରାତ ଉତ୍ସର EMD Earnest Money ପାଇଁ ଡିମାଣ୍ଡ ଡ୍ରାଫ୍ଟ ଯାହାର ମୂଲ୍ୟ, ଧାର୍ଯ୍ୟ କରାଯାଇ ଥିବା ସରକାରୀ ଅତିରିକ୍ତ ଚାର୍ଜ (Additional Charge) ଏବଂ Royalty X MGQ (ଏକ ବର୍ଷ) ର ୫% ଠାରୁ କମ ହୋଇ ନଥିବ । 5% of Amount of {additional charge + Royalty} X MGQ (1 Year) } । (In Original) ଯାହକି "Tahasildar kujang" ଙ୍କ ନାମେ ତିଆରି ହୋଇଥିବ.

୭ .ଉପରୋକ୍ତ ଦଲିଲ ମଧ୍ୟରୁ ଜଦି କୌଣସିଟିରେ ତ୍ରୁଟି ତଥା ଦାଖଲ ନ କରିଥିବା ପରିଲକ୍ଷିତ / ଦୃଷ୍ଟିଗୋଚର ହୁଏ, ତାହେଲେ ସେହି ଦରଖାସ୍ତ କୁ ତୁରନ୍ତ ରଦ୍ଦ କରିଦିଆ ଯିବ ।

୮ .ଦରଖାସ୍ତ ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଅସ୍ଥାବର ସମ୍ପତ୍ତି ତାଲିକା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଯଥା ବୈଷୟକ ଜ୍ଞାନ ଅଭିଜ୍ଞାତା, ପାଖରେ ଥିବା ଯନ୍ତ୍ରି ସମୂହ ଏବଂ ଆ।ଥିକ ସ୍ଥିତି ଇତ୍ୟାଦିର ପ୍ରମାଣପତ୍ର ସଂଲଗ୍ନ କରିପାରନ୍ତି ।

୯.ଦରଖାସ୍ତକାରୀ ଗତବର୍ଷ ଆୟକର ଦାଖଲ (Income Tax Return filling) ବିବରଣୀ ନକଲ / GST Clearance Certificate ର ନକଲ ଦାଖଲ କରିବେ ।

୧୦.ଦରଖାସ୍ତ କୌଣସି ସଇରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା (self- Declaration) ଦାଖଲ କରିବେ ।

୧୧.ଦରଖାସ୍ତକାରି ସଇରାତ ଉତ୍ସ ର Mining Plan, EC preparation & Sairat Advertising cost ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

୧୨.ଦରଖାସ୍ତକରୀ ବନ୍ଦ ଲଫାପାରେ ଉପରି ଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକରୀଙ୍କ ନାମ, ଠିକଣା ଓ ଫୋନ ନମ୍ବର ସ୍ପଷ୍ଟ ଭାବେ ଉଲ୍ଲେଖ କରିବେ ।

୧୩. ଆବେଦନକାରୀ ନିଜର ଭୋଟର ID(EPIC) ଓ PAN CARD ର କପି ଦାଖଲ କରିବେ ।

## ସର୍ତ୍ତାବଳୀ

୧। ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ ୨୦୧୬ ଏବଂ ଏହାର Amendments Rule ର ପରିସର ଭୁକ୍ତ ରହିବେ ।

୨.ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

୩.ଲିଜ ନେବା ପରେ ସୈରାତ ଚଲାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪.ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୫.ବାଲି ପାଇଁ ସର୍ବନିମ୍ନ ରୟାଲଟି ମୂଲ୍ୟ (Per Cu.M) ଟ.୩୫/-, ରହିବ ଏବଂ ଏହି ମୂଲ୍ୟରେ ଯଦି ସରକାର କୌଣସି ପରିବର୍ତ୍ତନ କରନ୍ତି, ତାହା ଦେବାକୁ ବଧ୍ୟ ହେବେ ।

୬.ସରକାରୀ Additional Charge ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନକରିଥିବା ଦରଖାସ୍ତକାରୀଙ୍କର ଦରଖାସ୍ତ ଖାରଜ କରିଦିଆଯିବ ।

୭।ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଏବଂ ସର୍ବାଧିକ Additional Charge ର ମୂଲ୍ୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

୮.ଲିଜଧାରୀ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଠିକ ହୋଇଥିବା Security ରାଶି Bidding ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ୍ଟ (DD) ଆକାରରେ ଜମା କରିବେ ।

୯.ଯଦି ଏକାଧିକ ବ୍ୟକ୍ତି ସଇରାତ ଉତ୍ସ ନିମନ୍ତେ ସମାନ Royalty ଏବଂ Additional Charge ମୂଲ୍ୟ ଦର୍ଶାଇ ଥାନ୍ତି ତେବେ ଲଟେରୀ (By Draw of Lots) ମଧ୍ୟରେ ଯୋଗ୍ୟ ବିବେଚିତ କରାଯିବ ।

୧୦.ଯଦି କୈଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ ।

୧୧.ଚୟନ କରାଯାଇଥିବା ନିଲାମ ଧାରୀ ଙ୍କୁ କ୍ଷମତାପ୍ରାପ୍ତ ଅଧିକାରିଙ୍କ ଠାରୁ Form – F ମାଧ୍ୟମରେ ଚୟନ ସମ୍ବନ୍ଧୀୟ ତଥ୍ୟ ଏବଂ ସଇରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇ ଦିଆଯିବ । ଏହି Form – F ପାଇବାର 15 ଦିନ ମଧ୍ୟରେ ଚୟନ ହୋଇଥିବା ନିଲାମ ଧାରୀ ନିଲାମ ନେବା ନେଇ ନିଜର ସ୍ୱୀକୃତି ପ୍ରଦାନ କରିବେ ଏବଂ ବାର୍ଷିକ ଦେୟ ( Minimum Guaranteed Quantity) x (Royalty + Offered Additional Charges) + ( Amount of Contribution payable to District Mineral Fund) ର ଏକ ଚତୁର୍ଥାଂଶ Earnest Money କୁ ବାଦ ଦେଇ ବଳକା ରାଶିର ପରିମାଣ ଜମା କରିବେ ଏବଂ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି ସୁଧ ରହିତ ଅମାନତ ରାଶି (Security Deposit) ଭାବରେ ରଖାଯିବ । ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବା ପରେ ସ୍ଥିର କରାଯିବ । ଯଦି ମନୋନୀତ ବ୍ୟକ୍ତି 15 ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନକରନ୍ତି ତେବେ ଦ୍ୱିତୀୟ ସର୍ବାଧିକ ନିମାମଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ନିଲାମ ଧାରୀ ଙ୍କ Earnest Money କୁ ବାଜ୍ୟାପ୍ତି କରାଯିବ । ନିଲାମ ଧାରୀ ଙ୍କ ସ୍ୱୀକୃତି ପରେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କ Earnest Money କୁ ଫେରସ୍ତ କରିଦିଆଯିବ ।

୧୨। ଲିଜଧାରୀ ମାଇନିଙ୍ଗ ପ୍ଲାନ (Mining Plan) ପରିବେଶ ମଞ୍ଜୁରୀ (Environmental Clearance) ଏବଂ ବିଜ୍ଞାପନ ର ଖର୍ଚ୍ଚ ବହନ କରିବେ ନଚେତ ଲିଜ ବାତିଲ କରାଯିବ ସର୍ବୋଚ ନୀଲମଧାରୀ ବାଲି **ଉତ୍ସ ପରିଚାଳନା ନେମନ୍ତେ ଆବଶ୍ୟକୀୟ ମଞ୍ଜୁର (consent to operate)** ହାସଲ କରିବା ସହିତ ଲିଜ ଚୁକ୍ତିନାମା (Lease Deed) ସୂଚନା ଦିଆଯିବାର ୩ ମାସ ମଧ୍ୟରେ ସମ୍ପାଦନ କରିବେ, ଅନ୍ୟଥା ସୂଚନାଟିକୁ ରଦ୍ଦ କରାଯାଇ Security Deposit ବାଜ୍ୟାପ୍ତି କରାଯିବ ।

୧୩.Mining Plan ଓ Environmental Clearance ମଞ୍ଜୁରୀ ହେବାପରେ ଲିଜଧାରୀ, ରୟାଲଟି (Royalty) ବା Dead Rent, Surface Rent, Additional Charge, Contribution to the District Mineral Fund (DMF) ଓ Contribution to Environment Management Fund (EMF) ରାଶି ପୈଠ କରିବେ । ସମ୍ପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୯୯୯ ଅନୁଯାୟୀ ଚୁକ୍ତିପତ୍ର ( Execution of Lease Deed) ସଂପାଦନ କରିବେ ।

୧୪.ଜମା Royalty ଓ Additional Charge ର ୨% ଲିଜଧାରୀ ଆୟକର (T.C.S.) ବାବଦକୁ ଜମା କରିବେ ।

୧୫.ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସଂପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୧୬.ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରନ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

୧୭.ଲିଜ ସମ୍ବନ୍ଧିୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ଏବଂ ଇସ୍ତିହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ http//:www.jagatsinghpur.nic.in ରେ ମଧ୍ୟ ଦେଖିପାରିବେ ।

୧୮.ଯଦି ଉକ୍ତ ଇସ୍ତିହାରରେ କୌଣାସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତା ପ୍ରପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ବିଜ୍ଞାପକ ସଂଖ୍ୟା. ୪୩୫୧ ତା. ୩୦.୧୨.୨୦୨୦

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ବିଶେଷ ପ୍ରସାରଣ ଓ ଅବଗତି ନିମନ୍ତେ ଉନ୍ନୟନ ଅଧିକାରୀ, କୁଜଙ୍ଗ / ସମସ୍ତ ସରପଞ୍ଚଙ୍କ କାର୍ଯ୍ୟାଳୟ, କୁଜଙ୍ଗ ପଞ୍ଚାୟତ ସମିତି ଙ୍କ ଅବଗତି ଓ ନୋଟିସ ବୋର୍ଡରେ ଲଟକା ଜାରିପାଇଁ ପଠାଗଲା ।

ତହସିଲଦାର ତଥା
କ୍ଷମତା ପ୍ରାପ୍ତ ଅଧିକାରୀ,କୁଜଙ୍ଗ
TAHASILDAR
KUJANG

ସ୍ମାରକ ସଂଖ୍ୟା ୪୩୫୨ ତା ୩୦.୧୨.୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ, / ଉପଜିଲ୍ଲାପାଳ, ଜଗତସିଙ୍ଘପୁର ଅବଗତି ନିମନ୍ତେ ପଠାଇ ଦିଆଗଲା ।

ତହସିଲଦାର ତଥା
କ୍ଷମତା ପ୍ରାପ୍ତ ଅଧିକାରୀ,କୁଜଙ୍ଗ
TAHASILDAR
KUJANG

# ଲିଜ୍ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ

| କ୍ରମିକ ସଂଖ୍ୟା | ସୈରାତ ଉତ୍ସ ର ନାମ | ସୈରାତ ଉତ୍ସ ର ବିବରଣୀ | | | | | ଲଘୁ ଖଣିଜ ଦ୍ରବ୍ୟ ର ନାମ | ପ୍ରତିବର୍ଷ ଉଠାଣ ହେବାକୁ ଥିବା Minimum Guaranteed Quantity ( In Cum) | Rate of Royalty per Cum | ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge) | Total due per Cum (Col No – 10+11) | ବାର୍ଷିକ ଦେୟ ( Annual due) | EMD to be deposited in shape of DD 5% of { MGQ X (Additional Charge + Royalty)} | Solvency certificate or Bank Guarantee ର ପରିମାଣ |
|---|---|---|---|---|---|---|---|---|---|---|---|---|---|---|
| | | ମୌଜା | ଖାତା | ପ୍ଲଟ | କିସମ | ରକବା | | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 | 14 | 15 |
| 1 | ଗୋବର୍ଦ୍ଧନପୁର ବାଲି ସୈରାତ ଉତ୍ସ | ଗୋବର୍ଦ୍ଧନପୁର | 492 | 1 | ନଦୀ | Ac 7.55 out of Total Ac 58.30 | ବାଲି | 11,540 Cum | 35 | 150 | 185 | 21,34,900 | 1,06,745 | ଯାହାର ମୂଲ୍ୟ ଧାର୍ଯ୍ୟ କରାଯାଇଥିବା ବାର୍ଷିକ ଦେୟ Annual due ( Column No-13 ) ଠାରୁ କମ୍ ହୋଇନଥିବ . |
| 2 | କଳଦୀପ ବାଲି ସୈରାତ ଉତ୍ସ | କଳଦୀପ | 204 | 5 | ନଦୀ | Ac 6.45 out of Total Ac 31.27 | ବାଲି | 10,206 Cum | 35 | 120 | 155 | 15,81,930 | 79,097 | |

ତହସିଲଦାର ତଥା

କ୍ଷମତା ପ୍ରାପ୍ତ ଅଧିକାରୀ, କୁଜଙ୍ଗ

TAHASILDAR
KUJANG